

ପବିତ୍ର ବାରି କହିଲେ, ତୀର୍ଥ ଜଳ ବା ଗଙ୍ଗା ଜଳ ନୁହେଁ, ନୟନର ବାରି ହିଁ ପବିତ୍ର। ଯେ ନେତ୍ର ଜଳରେ ପ୍ରଭୁଙ୍କର ପଦଧୌତ କରେ ତା'ର ଜନ୍ମ ଜନ୍ମର ପାପ ଧୋଇ ହୋଇଯାଏ।
-ଠାକୁର ଅଭିରାମ ପରମହଂସ



# କୋଟିଆରେ କେବିକେ ମୁଖ୍ୟ ପ୍ରଶାସକ

## ■ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ, ଲୋକଙ୍କ ସହ ମିଶିଲେ

କୋରାପୁଟ,୧୯।୨(ସ୍ୱ.ପ୍ର.)

କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁର ମଙ୍ଗଳବାର କୋରାପୁଟ ଜିଲା କୋଟିଆ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ସେଠାରେ ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହ ମିଶିଛନ୍ତି। ଜାରି ରହିଥିବା ଉନ୍ନୟନ କାର୍ଯ୍ୟ ଧାର୍ଯ୍ୟ ସମୟ ଭିତରେ ସାରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେବିକେ ମୁଖ୍ୟ ପ୍ରଶାସକ ଠାକୁର ମଙ୍ଗଳବାର କୋଟିଆ ପଞ୍ଚାୟତ ସଦର ସମେତ ଫଗୁଣସିନେରି, ଫାଟୁସିନେରି, ଗଞ୍ଜେଇପଦର ଗ୍ରାମ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ତଦାରଖ କରିଛନ୍ତି।


କେବିକେ ମୁଖ୍ୟ ପ୍ରଶାସକ ସ୍ଥାନୀୟ ଅଧିକାରୀଙ୍କ ସହ କୋଟିଆ ସମୀକ୍ଷା କରୁଛନ୍ତି।

କୋଟିଆରେ ଥିବା ମଙ୍ଗଳ ବିଭାଗର ନୂତନ ଛାତ୍ରାବାସ ନିର୍ମାଣ କାର୍ଯ୍ୟ, ବିଏସ୍‌ଏନ୍‌ଏଲ୍ ମୋବାଇଲ ଟାୱାର, ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତର ନୂତନ କାର୍ଯ୍ୟାଳୟ, ଦେଓମାଳି ପାହାଡ଼କୁ ଯିବା ପାଇଁ ଚାଲିଥିବା ରାସ୍ତାକାମ ସମେତ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ ସେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ସେହିପରି ଗଞ୍ଜେଇପଦର, ଫାଟୁ ସିନେରି, ଫଗୁଣ ସିନେରି ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦା ଓ କୃଷକଙ୍କ ସହ ଆଲୋଚନା କରିଥିଲେ। ପାହାଡ଼ରୁ ଖସିଥିବା ଝରଣା ଜଳକୁ ଗଚ୍ଛିତ ରଖି ତାହାକୁ ଜମିରେ ମଡ଼ାଇ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆଇଟିଡିଏ ପିଏ କାରୁ ସୋରେନ, ଏଇ ପୁଷ୍ପକାନ୍ତ ସାହୁ, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ଗଡ଼ନାୟକ, କନିଷ୍ଠ ଯନ୍ତ୍ରୀ ତପନ ସିଂ, ସୁନାବେଡ଼ା ଆରଡି ଏଇ ରାମଚନ୍ଦ୍ର ଜେନାଙ୍କ ସମେତ ପଟ୍ଟାଙ୍ଗି ବ୍ଲକ, ଆରଡି, ସ୍ୱାସ୍ଥ୍ୟ ଓ ରାଜସ୍ୱ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ନିଯୁକ୍ତି ମେଳା



ଲମତାପୁଟ,୧୯।୨(ଡି.ଏନ୍.ଏ.): କୋରାପୁଟ ଜିଲା ଲମତାପୁଟରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ପ୍ରାୟ ୨୫୦ଜଣ ଯୁବତୀ ଯୁବକ ଏଥିରେ ନାମ ପଞ୍ଜୀକରଣ କରିଥିଲେ। ଆର୍ ଫାଉଣ୍ଡେଶନ, ଗ୍ରାମତରଙ୍ଗ ଭଳି କମ୍ପାନୀ ଉପସ୍ଥିତ ଥିଲେ। ଏହି ଅବସରରେ ଲମତାପୁଟ ବିଡିଓ ସୌମ୍ୟ ସାର୍ଥକ ମିଶ୍ର, କୋରାପୁଟ ଓରମାସ୍ ଆସିଷ୍ଟାଣ୍ଟ ଡାଇରେକ୍ଟର ରୋଶନ କାର୍ତ୍ତିକ ପ୍ରମୁଖ ଉପସ୍ଥିତ ଥିଲେ। ପିଏ ସୁଧୀର କୁମାର ବେହେରା ଆୟୋଜନ ଓ ପରିଚାଳନା କରିଥିଲେ।

### ଆଜି ଆସୁଛନ୍ତି ରାଜସ୍ୱ ବୋର୍ଡ ସଦସ୍ୟ

କୋରାପୁଟ,୧୯।୨(ସ୍ୱ.ପ୍ର.): ବୁଧବାର ରାଜ୍ୟ ରାଜସ୍ୱ ବୋର୍ଡର ସଦସ୍ୟ ଜି.ଭି.ଭି. ଶର୍ମା କୋରାପୁଟ ଜିଲା ଗସ୍ତରେ ଆସୁଛନ୍ତି। ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ କୋରାପୁଟରେ ଆୟୋଜିତ ସମୀକ୍ଷା ବୈଠକରେ ସେ ଯୋଗଦେବେ। ଗସ୍ତବେଳେ ଶର୍ମା ଜିଲାରେ ଲକ୍ଷ୍ୟଧାର୍ଯ୍ୟ ଥିବା ରାଜସ୍ୱ ଆଦାୟ ସଂପର୍କରେ ଆଲୋଚନା କରିବେ ଆଇଟିଡିଏ ପିଏ କାରୁ ସୋରେନ କହିଛନ୍ତି।

### ଦାମନଯୋଡ଼ିରେ ଅଗ୍ନି ଉତ୍ସବ

ଦାମନଯୋଡ଼ି,୧୯।୨(ସ୍ୱ.ପ୍ର.): ଦାମନଯୋଡି ଭେଜାପୁଟ ସିଦ୍ଧେଶ୍ୱର ବଣିକ ସଂଘ, ନାଲ୍‌କୋ ଟାଉନ୍‌ସିପ୍ ଶିରିଡି ସାଇ ମନ୍ଦିରରେ ଅଗିଜଳା ପୂର୍ଣ୍ଣିମା ପାଳିତ ହୋଇଛି। ଏଥି ସମେତ ସେକ୍ଟର-୧ ଏସ୍‌ଭିଏମ୍ କଲୋନୀରେ ମଧ ଏହି କାର୍ଯ୍ୟକ୍ରମ କରାଯାଇଛି।

### ବୃଦ୍ଧାଶ୍ରମରେ ଜେଆର୍‌ସି ଛାତ୍ରୀଛାତ୍ର ଭାବ ବିନିମୟ ସହ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ସୁନାବେଡ଼ା,୧୯।୨: ସୁନାବେଡାସ୍ଥିତ ଏଡିଏଭି ହାଇସ୍କୁଲର ଜୁନିୟର ରେଡ୍‌କ୍ରସ (ଜେଆର୍‌ସି) ଛାତ୍ରୀଛାତ୍ର ସ୍ଥାନୀୟ ହାଉସିଂ ବୋର୍ଡ କଲୋନୀସ୍ଥିତ ଶ୍ରୀଜଗନ୍ନାଥ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଭେଟି ଭାବ ବିନିମୟ କରିଛନ୍ତି। ଜୁନିୟର ରେଡ୍‌କ୍ରସ କାଉନସିଲର ଶାହେଦା ପରୱିନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବୃଦ୍ଧାଶ୍ରମକୁ ଯାଇ ଅନ୍ତେବାସୀଙ୍କ ଭଲମନ୍ଦ, ସେଠାରେ ମିଳୁଥିବା ସୁବିଧା ସୁଯୋଗ ସହ ସେମାନଙ୍କ ପରିବାର ସମ୍ପର୍କରେ ପଚାରି ବୁଝିଥିଲେ। ଛାତ୍ରୀଛାତ୍ର ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇ ଥିବାବେଳେ ବୃଦ୍ଧାଶ୍ରମର ଜଣେ ଦିବ୍ୟାଙ୍ଗ ଅନ୍ତେବାସୀ ଭଜନ ଗାଇଥିଲେ। ବୟୋଜ୍ୟେଷ୍ଠଙ୍କ ଉପଦେଶ ହିଁ ଆମ ଜୀବନକୁ ସୁନ୍ଦର କରିଥାଏ, ଏହାକୁ ଅନୁଭବ କରାଇବା ପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଜେଆର୍‌ସି କାଉନ୍‌ସିଲର କହିଛନ୍ତି। ପୁଲୱାମା ଆତଙ୍କବାଦୀ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜେଆର୍‌ସି ଛାତ୍ରୀଛାତ୍ର ଓ ବୃଦ୍ଧାଶ୍ରମ ଅନ୍ତେବାସୀ ନୀରବ ପ୍ରାର୍ଥନା କରିବା ସହ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### କଂଗ୍ରେସରେ ମିଶିଲେ ବିଜେଡି କର୍ମୀ

ଜୟପୁର,୧୯।୨(ଡି.ଏନ୍.ଏ.): ଜୟପୁର ବ୍ଲକର ହାଡିଆ ଗ୍ରାମପଞ୍ଚାୟତର ୧୫ଜଣ ବିଜେଡି କର୍ମୀ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। ପୁଟ୍ରା ଗ୍ରାମର ବିଜେଡି କର୍ମୀ ତ୍ରିନାଥ ଗାଦବା, ପ୍ରଫୁଲ୍ଲ ମହାନ୍ତି, ଖୈରିମୁଣ୍ଡିର ନୀଳକଣ୍ଠ ଭତ୍ରା, ଡମ୍ବୁ ଭତ୍ରା, ପାଣ୍ଡିକିଗୁଡ଼ାର କୃଷ୍ଣ ମାଳୀ, ଦେଉଳଗୁଡ଼ାର ମାନୁ ଅନକାଙ୍କ ନେତୃତ୍ୱରେ ୧୫ଜଣ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ସେମାନେ ବିଜେଡି ସରକାରଙ୍କ ଦୁର୍ନୀତିକୁ ବିରୋଧ କରିବା ସହିତ କଂଗ୍ରେସ ଦଳ ଓ ସ୍ଥାନୀୟ ବିଧାୟକଙ୍କ ଉପରେ ବିଶ୍ୱାସ ଓ ଭରସା ରଖି ଯୋଗଦାନ କରିଥିବା କହିଛନ୍ତି।

# ବିଜେଡିର ତେଲୁଗୁ ସେଲ୍ ସମାବେଶ


ପ୍ରଦୀପ ପ୍ରଜ୍ୱଳନ କରି ସମାବେଶର ଶୁଭାରମ୍ଭ କରାଯାଉଛି।

ଜୟପୁର,୧୯।୨(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସ୍ଥିତ ନେହରୁ ନଗରରେ ମଙ୍ଗଳବାର ବିଜେଡି ତେଲୁଗୁ ସେଲର ଏକ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଉଷାଦେବୀ ଏବଂ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ଯୋଗଦେଇ ଆସନ୍ତା ନିର୍ବାଚନରେ ବିଜେଡି ଦଳର ବିଧାୟକ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ବିଜୟୀ କରିବାକୁ ଉପସ୍ଥିତ ତେଲୁଗୁ ସଂପ୍ରଦାୟର ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନେ ହାସ୍ୟ ଅଭିନେତା ବେଣୁମାଧବ ଏବଂ ହାଇଦ୍ରାବାଦର ଏକ ଦଳ ସଂଗୀତ ପରିବେଷଣ କରିଥିଲେ। ପ୍ରାୟ ୩ ହଜାର ଲୋକଙ୍କ ଉପସ୍ଥିତିରେ ସଂପ୍ରଦାୟର ବିଭିନ୍ନ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଯୋଜନା କରିଛନ୍ତି। ବାକି ରହିଥିବା କାର୍ଯ୍ୟ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଥିବା ସଭାରେ ଅତିଥିମାନେ କହିଥିଲେ। ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ନିଜ ବକ୍ତବ୍ୟରେ କହିଥିଲେ, ଗତ ଦିନରେ ହୋଇଥିବା ତ୍ରୁଟିକୁ କ୍ଷମା କରିବା ସହ ବିଜେଡି ସରକାରଙ୍କୁ ପୁଣିଥରେ ସୁଯୋଗ ଦେଲେ ରାଜ୍ୟର ଅଧିକ ଉନ୍ନତି ହୋଇପାରିବ। ସେଲର ଅଧ୍ୟକ୍ଷ ବୀରେଶ ପଟ୍ଟନାୟକ ସମାବେଶରେ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡ. ଇନ୍ଦିରା ନନ୍ଦ, ପ୍ରଭାକର ପଟ୍ଟନାୟକ, ଏ. ଶ୍ରୀନିବାସ, ୱାଇ.ଏସ୍. ଖାନ୍ନା, ବାଲିଙ୍ଗି ରାଓ, ବି. ସତିଶ, ବି. ସୁନିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ସାନ୍ତାଳୀ ସମ୍ପ୍ରଦାୟର ବନ୍ଧୁମିଳନ

# ଜମିଲା ପାରମ୍ପରିକ ନୃତ୍ୟଗୀତର ଆସର


ସାନ୍ତାଳୀ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି ମହିଳାମାନେ।

ଦାମନଯୋଡ଼ି, ୧୯।୨(ସ୍ୱ.ପ୍ର.)

ନାଲ୍‌କୋ ଟାଉନ୍‌ସିପ୍ ସେକ୍ଟର-୧ ଶିବାଲେନ୍‌ରେ ସାନ୍ତାଳୀ ସମ୍ପ୍ରଦାୟର ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏଥିରେ ଦାମନଯୋଡ଼ି, ସୁନାବେଡ଼ା, କୋରାପୁଟ, ଜୟପୁର, ନବରଙ୍ଗପୁର, ରାୟଗଡ଼ା ଓ ବିଶାଖାପାଟଣାରୁ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ସାନ୍ତାଳୀ ସମ୍ପ୍ରଦାୟ ଲୋକ ଉପସ୍ଥିତ ଥିଲେ। ସେମାନେ ପାରମ୍ପରିକ ବସ୍ତ୍ର ପରିଧାନ କରିବା ସହ ପାରମ୍ପାରିକ ବାଦ୍ୟର ତାଳେତାଳେ ଗୀତ ଓ ନାଚ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସାନ୍ତାଳୀ ସମ୍ପ୍ରଦାୟ ବିକାଶ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଦାମନଯୋଡି ସାନ୍ତାଳୀ ସାଂସ୍କୃତିକ ସଂଘ ସମ୍ପାଦକ ଭଦା ମାର୍ଣ୍ଡି, ଗୋବିନ୍ଦ ମୁର୍ମୁ, ରାଇମୋହନ ଟୁଡୁ, ରାଜମଲ ଟୁଡୁ, ଲୋପା ମାର୍ଣ୍ଡି ଉପସ୍ଥିତ ଥିଲେ। ଦାମନଯୋଡି ସାନ୍ତାଳୀ ମୁଖିଆ ସାକିଲା ମାଝି ଓ ଧୀରେନ୍ଦ୍ର କୁମାର ହାଁସଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପର୍ବତାରୋହୀ କୁଶଙ୍କୁ ସମ୍ବର୍ଦ୍ଧନା

ନନ୍ଦପୁର,୧୯।୨(ଡି.ଏନ୍.ଏ.)

କିଲିମାଞ୍ଜାରୋ ଗିରିଶୃଙ୍ଗ ଆରୋହଣ କରି ଫେରିଥିବା କୁଶ ଆରଲାଙ୍କୁ ମଙ୍ଗଳବାର ନନ୍ଦପୁର ସିଦ୍ଧେଦେବୀ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ଓ ବ୍ଲକ ପ୍ରଶାସନ ତଥା କୋରାପୁଟ କ୍ରୀଡ଼ା ବିଭାଗ ଭୁଲି ଯାଇଥିଲେ ମଧ ନନ୍ଦପୁର ସ୍ଥିତ ଏହି ମହାବିଦ୍ୟାଳୟ ତାଙ୍କୁ ଭୁଲିନାହିଁ। କୁଶଙ୍କୁ ଫୁଲତୋଡ଼ା, କପ୍ ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ଜୁନିୟର କଲେଜ ଅଧକ୍ଷା ବୈଜୟନ୍ତୀ ସାମଲ, ଡିଗ୍ରୀ କଲେଜ ଅଧକ୍ଷା ସ୍ନେହଲତା ସେଠୀ, ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ, ରବି ଶତପଥୀ, ଉଇଲିୟମ ଡୁରୁକ, କିଶୋର ବେହେରା, ଶ୍ରୀରାମ ପାତ୍ର, ପ୍ରଜ୍ଞା ପରିମିତା ମହାରଥୀ, ଉଷାରାଣୀ ମହାରଣା, ପି. ହେମା, ହୃଷିକେଶ ପୃଷ୍ଟି, ସିପ୍ରା ମଣ୍ଡଳ, ଜିଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ, କଂଗ୍ରେସ ନେତା ସୀମାଞ୍ଚଳ ବେହେରା, ବିଜେଡି ନେତା ଶଶୀ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ବେଳେ ୫ ଗିରଫ

ଜୟପୁର,୧୯।୨(ଡି.ଏନ୍.ଏ.)

**ବନ୍ଧୁକ ଜବତ**

ସ୍ଥାନୀୟ ଫରେଷ୍ଟ କଲୋନି ଶିବମନ୍ଦିର ପଛପାଖରେ ଡକାୟତି ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଗତ ସୋମବାର ରାତିରେ ଜୟପୁର ଟାଉନଥାନା ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଜୟପୁର ଖ୍ରୀଷ୍ଟିଆନ ସାହିର ଶାନ୍ତିରାଜ ଗଣ୍ଡ (୨୫), ଇଶ୍ୱରାଜ ହିଆଲ (୨୩), ଗୋପବନ୍ଧୁ ନଗରର ଦୈତାରୀ ସାଗର (୨୩), ଟି. ଚାଣ୍ଟି (୨୩), ନୂଆସାହି ୪ର୍ଥ ଲାଇନର ଅର୍ଜୁନ ବାଗ୍ (୨୨)। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଏବଂ ଦୁଇଟି ଲୁହା ଛଡ଼ ଜବତ କରାଯାଇଛି। ଏସ୍‌ଆଇ ତପନ ନାହାକଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଡକାୟତି ଯୋଜନା ସୁରାକ ପାଇ ଚଢ଼ାଉ କରାଯାଇଥିଲା। ସେମାନଙ୍କୁ ଦେଖି ଅଭିଯୁକ୍ତମାନେ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତଙ୍କ ନାମରେ ଜୟପୁର ଟାଉନଥାନା ଓ ଜିଲାର ଅନ୍ୟ ଥାନାରେ ଡକାୟତି, ଚୋରି, ଲୁଟ୍ ଭଳି ଗୁରୁତର ମାମଲା ରହିଥିବା ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି।

# 'କେବିକେ ବିକାଶରେ ବିଜେଡି ବାଧକ'

**'ଜବାବ ମାଗୁଛି ଓଡ଼ିଶା' ସଭାରେ ଧର୍ମେନ୍ଦ୍ର**

ସେମିଳିଗୁଡ଼ା,୧୯।୨(ସ୍ୱ.ପ୍ର.)

ସେମିଳିଗୁଡ଼ା-ନନ୍ଦପୁର ରାସ୍ତାର କୋଡିଗାଁ ନିକଟ ପଡ଼ିଆରେ ଭାଜପା ପକ୍ଷରୁ ଆୟୋଜିତ 'ଜବାବ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, କେବିକେ ଅଞ୍ଚଳର ବିକାଶ ନରେନ୍ଦ୍ର ମୋଦି ଚାହିଁଲେ। କିନ୍ତୁ ନବୀନ ସରକାର ଏହାର ବିରୋଧ କଲେ। ଓଡ଼ିଶାର ବିକାଶ ପାଇଁ ରାଜ୍ୟ ସରକାର ବଦଳିବା ଦରକାର। ଏଥିପାଇଁ ମୋଦିଙ୍କ ଡବଲ ଇଂଜିନ୍ ସରକାର ଲଗାଇବାର ସମୟ ଆସିଛି। 'ଆମର ଅଛି ଦୃଢ଼ ବିଶ୍ୱାସ, ମୋଦି ହିଁ କରିବେ ଓଡ଼ିଶାର ବିକାଶ' ସ୍ଲୋଗାନ ଦେଇ ରାଜ୍ୟ ଓ



କେନ୍ଦ୍ରରେ ଭାଜପା ସରକାର ବନାଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପଟ୍ଟାଙ୍ଗିର ଜିଲା ପରିଷଦ ସଭ୍ୟ ଡୁମୁରି ଖିଲ, ପୂର୍ବତନ ଅଧ୍ୟକ୍ଷ ନାରାୟଣ ଚୌଧୁରୀଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ପଟ୍ଟାଙ୍ଗି, ସୁନାବେଡ଼ା, ସେମିଳିଗୁଡ଼ା, ନନ୍ଦପୁର, କୋରାପୁଟ ଅଞ୍ଚଳରେ ନିଜ ସମ୍ପ୍ରଦାୟ ଅବହେଳିତ ଥିବା ନେଇ ଦୋରା ମହାସଂଘ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଛି। ଦୋରା ସମାଜକୁ ବନବାସୀ ମାନ୍ୟତା ପାଇଁ ଏଥିରେ ଦାବି କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭୃଗୁ ବକ୍ସିପାତ୍ର, ଜିଲା ସଭାପତି ବିଜୟ ମିଶ୍ର, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ରମେଶ ସାହୁ, ଜିଲା ସାଧାରଣ ସମ୍ପାଦକ ଭଗବାନ ପେଟିଆ, ସୁମନ୍ତ ପ୍ରଧାନ, ଜୟରାମ ଗରଡ଼ା, ଦେବେନ୍ଦ୍ର ବାହିନୀପତି, ପଟ୍ଟାଙ୍ଗି ବ୍ଲକ ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ଜିଲା ମହିଳା ମୋର୍ଚ୍ଚା ସଂଯୋଜିକା ଅମ୍ବିକା ପାଙ୍ଗି ଯୋଗ ଦେଇଥିଲେ।

## ■ କୋରାପୁଟ ମେଡିକାଲ କଲେଜ ଓ ହସ୍‌ପିଟାଲ

# ଇସ୍ତଫା ଦେଲେ ଡାୟଲିସିସ କେନ୍ଦ୍ର ଡାକ୍ତର

କୋରାପୁଟ,୧୯।୨(ସ୍ୱ.ପ୍ର.)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲର ଡାୟଲିସିସ କେନ୍ଦ୍ରର ଡାକ୍ତର ମଧୁସୂଦନ ଦାସ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପିପିପି ମୋଡରେ ନିର୍ମିତ ଏହି କେନ୍ଦ୍ର କୋରାପୁଟ ମେଡିକାଲରେ ୨୦୧୮ ସେପ୍ଟେମ୍ବର ୨୭ରେ କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ୭ଟି ବେଡ ରହିଥିଲା। ଏହି କେନ୍ଦ୍ରରେ ଅଧିକାଂଶ ସମୟରେ ସବୁ ବେଡ୍‌ରେ ରୋଗୀ ଥିବାବେଳେ ବାହାରୁ ବହୁ ରୋଗୀ ଆସି ତାଙ୍କୁ ଡାୟଲିସିସ କରିବା ପାଇଁ ବାଧ କରାଯାଉଛି। ଯେଉଁ ରୋଗୀ ଆସିବାରେ ବିଳମ୍ବ ହୁଏ, ତାଙ୍କ ପାଇଁ ବେଡ୍ ଖାଲି ରଖାଯାଇଥାଏ। କିନ୍ତୁ ଅନ୍ୟ ରୋଗୀ ସେତିକିବେଳେ ଆସୁଥିଲେ ମଧ ବେଡ୍ ଖାଲି ଥାଇ ମଧ ସେମାନଙ୍କୁ କାହିଁକି ଦିଆଯାଉ ନାହିଁ ବୋଲି ଡାକ୍ତରଙ୍କ ସହ ଝଗଡ଼ା କରୁଛନ୍ତି। ଚାକିରି ଜୀବନ ଓ ଅବସର ପରେ ମଧ ଅନେକ ସେବା କରିଛି; କିନ୍ତୁ ଏଠାରେ ରୋଗୀମାନେ ସବୁବେଳେ ଯୁକ୍ତିତର୍କ ଓ ପାଟିତୁଣ୍ଡ କରୁଥିବାରୁ ବାଧହୋଇ ମୁଁ ଡାୟଲିସିସ କେନ୍ଦ୍ରର ମ୍ୟାନେଜରଙ୍କୁ ଇସ୍ତଫାପତ୍ର ଦେଇଛି ବୋଲି ଡାକ୍ତର ଦାସ କହିଛନ୍ତି।

## ■ ସ୍କୁଲ ଅତିରିକ୍ତ ଶ୍ରେଣୀଗୃହ ପାଇଁ ଭିତ୍ତିପ୍ରସ୍ତର

# ପିଲାଙ୍କୁ ପଣିକିଆ ପଚାରିଲେ ବିଧାୟକ


ଶ୍ରେଣୀଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି।

ଜୟପୁର,୧୯।୨(ଡି.ଏନ୍.ଏ.)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୪ଟି ଅତିରିକ୍ତ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପାଇଁ ୧୦ଟି ପରିସ୍ରାଗାର ନିର୍ମାଣ ଲାଗି ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି। ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ିବା ପାଇଁ କହିବା ସହ ସେମାନଙ୍କୁ ପଣିକିଆ ପଚାରିଥିଲେ। ସେହିପରି ଗଣିତରେ ଶ୍ରେଷ୍ଠ ହେବା ପାଇଁ ମଧ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଶିକ୍ଷକମାନେ ଉତ୍ତମ ଆଚରଣ ଦେଲେ ଛାତ୍ରୀଛାତ୍ରଙ୍କ ଉପରେ ଏହାର ଉତ୍ତମ ପ୍ରଭାବ ପଡ଼ିବ ବୋଲି ସେ କହିଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଭାତ ରଥ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ମହାନ୍ତି, ନିହାର ବିଶୋୟୀ, ଭାସ୍କର ପଟ୍ଟନାୟକ ଉପସ୍ଥିତ ଥିଲେ।

# ଶହୀଦ ଯବାନଙ୍କ ପାଇଁ ଅଷ୍ଟପ୍ରହର କାର୍ଯ୍ୟକ୍ରମ

ପାଣ୍ଡ୍ରିପାଣି,୧୯।୨(ଡି.ଏନ.ଏ.)

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ପଞ୍ଚାୟତସ୍ଥିତ ଶ୍ରୀ କପିଳେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ପାଣ୍ଡ୍ରିପାଣି ଯୁବକ ସଂଘ ପକ୍ଷରୁ ପାଲୱାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଅଷ୍ଟପ୍ରହର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋମବାର ସନ୍ଧ୍ୟାରେ କଳସ ଯାତ୍ରା ଗ୍ରାମ ପରିକ୍ରମା କରି କଳସ ସ୍ଥାପନ କରାଯାଇଥିଲା। ମଙ୍ଗଳବାର ସକାଳୁ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଛି। ଏହା ବୁଧବାର ସକାଳ ପର୍ଯ୍ୟନ୍ତ ଚାଲିବ। କୁମ୍ଭାରଗୁଡା, ଶ୍ରୀପେଟା, କାଣ୍ଡକିଗୁଡା, ପାଣ୍ଡ୍ରିପାଣି, କଳାହାଣ୍ଡିଆ ସାହିରୁ ୧୦ଟି ସଙ୍କୀର୍ତ୍ତନ ଦଳ ଭାଗ ନେଇଛନ୍ତି। ସରପଞ୍ଚ ଶିବ ଖେମୁଡୁଙ୍କ ସମେତ ଯୁବକ ସଂଘର ଅନନ୍ତ ପରିଜା, ବଂଶୀଧର ବୁରୁଦା, ଯଦୁମଣି ଦୁର୍ଗା, ରାମ ଗୋଲରି, ସଭାପତି ସୁନ୍ଦର ରାଏ ସେଡା ଓ ସମ୍ପାଦକ ଗଣେଶ ଚନ୍ଦ୍ର ବିଶ୍ୱାଳ ଅଷ୍ଟପହର କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଆଖପାଖ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି।

## ■ ଆଦିବାସୀ ସାଂସ୍କୃତିକ ସନ୍ଧ୍ୟା

# ଦେଶାତ୍ମବୋଧକ ଗୀତରେ ଦର୍ଶକ ବିଭୋର



ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଉଛି।

ମାଲକାନଗିରି,୧୯।୨(ଡି.ଏନ.ଏ.)

ମାଲକାନଗିରି ସଦର ଖେଳ ପଡିଆରେ ନିଖିଳ ଓଡିଶା ଆଦିବାସୀ ସଂଘ ଆନୁକୁଲ୍ୟରେ ଆଦିବାସୀ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏଥିରେ ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଆଦିବାସୀ ମହାସଂଘ ସଭାପତି ଘନଶ୍ୟାମ ମାଡକାମି, ସାନ୍ତାଳୀ ସମାଜ ସମ୍ପାଦକ କାନ୍ଦ୍ରା ହଂସଦା, ଏରା ପଡିଆମି, କୋଡେ ସରୋନ୍, ସୁଧୀର ମୁର୍ମୁ, ରଙ୍ଗନାଥ ମାଢି, ମୁକୁନ୍ଦ ପଡିଆମି ଅତିଥି ରୂପେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବାଣୀ ପଟ୍ଟନାୟକ, ତାଙ୍କ ଝିଅ ଆଲିଶା ଶହୀଦଙ୍କ ଉଦ୍ଦେଶ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ମାଲକାନଗିରିର କଳା ସଂସ୍କୃତି ସବୁବେଳେ ସ୍ୱତନ୍ତ୍ରତା ବଜାୟ ରଖିଛି। ଜିଲାରେ ଆଦିବାସୀ ଜନଜାତିଙ୍କ ନୃତ୍ୟକଳା ଅତ୍ୟନ୍ତ ନିଆରା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଖଇରପୁଟର ବଣ୍ଡା ନୃତ୍ୟ, ଶିଖପାଲ୍ଲୀର କୋୟା ନୃତ୍ୟ, ଶଙ୍ଗ ନାଚ, କୋଟପାଡର ଢେମସା, ଘୋଡା ନାଚ ଓ ପାରମ୍ପରିକ ନୃତ୍ୟ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବିନାଶ ମିଶ୍ର ସଂଯୋଜନା କରିଥିଲେ। ପ୍ରସାଦ ନାୟକ, ଜୟନ୍ତୀ ବୁରୁଦା ଏବଂ ବିଜୁ ଯୁବବାହିନୀର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ପାଦରେ ଚଢ଼ିଗଲା ଟ୍ରକ୍, ବୃଦ୍ଧା ଗୁରୁତର

**ଟିକିରି,୧୯।୨(ଡ଼ି.ଏନ.ଏ):** ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ଷ୍ଟେଶନ ନିକଟସ୍ଥ ନକଟିଗୁଡା ଛକଠାରେ ମଙ୍ଗଳବାର ଜଣେ ବୃଦ୍ଧାଙ୍କ ପାଦ ଉପରେ ସିମେଣ୍ଟ ବୋଝେଇ ଟ୍ରକ ଚଢ଼ିଯାଇଛି । ଫଳରେ ସେ ଗୁରୁତର ହୋଇଛନ୍ତି । ସେ ହେଲେ ମଇଲିଗୁଡା ଗ୍ରାମର ଦବେ ମାଝି (୬୦)। ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ପୋଲିସ ଟ୍ରକକୁ ଅଟକ ରଖି ତଦନ୍ତ ଚଳାଇଛି । ଦବେ କୌଣସି କାମରେ ଟିକିରି ଯାଇଥିବା ବେଳେ ନକଟିଗୁଡ଼ା ଛକଠାରେ ଦୁର୍ଘଟଣାର ଶୀକାର ହୋଇଥିଲେ ।

## ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



**ଟିକିରି,୧୯।୨(ଡ଼ି.ଏନ.ଏ):** ରାୟଗଡା ଜିଲା କାଶୀପୁର ବ୍ଲକ ଅଣ୍ଡିରାକଞ୍ଚ ଥାନା ଅନ୍ତର୍ଗତ ଯୋଗୀପାରିତୁଣ୍ଡାଠାରେ ମଙ୍ଗଳବାର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ବ୍ଲକସ୍ତରୀୟ ଟୁର୍ନାମେଣ୍ଟରେ ସ୍ଥାନୀୟ ଉତ୍କଳ ଆଲୁମିନା ସହିତ ଯୋଗୀ ସନ୍ନ୍ୟାସୀ ୟୁଥ କ୍ଲବ ସହଯୋଗ କରୁଛନ୍ତି। ଉଦଘାଟନୀ ଉତ୍ସବରେ ଅଣ୍ଡିରାକଞ୍ଚ ଥାନା ଅଧିକାରୀ ମୁଖ୍ୟଅତିଥି ଏବଂ ଉତ୍କଳ ଆଲୁମିନାର ସିଏସଆର ଡିଜିଏମ ଶିବଶଙ୍କର ମହାପାତ୍ର, ଡେପୁଟି ମ୍ୟାନେଜର ସୁଶାନ୍ତ କୁମାର ଧଳ, ସୁଧୀର କୁମାର ନାୟକ, ମାଇକଞ୍ଚ ପଞ୍ଚାୟତର ନାଏବ ସରପଞ୍ଚ ରତ୍ନାକର ନାଏକ, ସତ୍ୟନାରାୟଣ ଝୋଡିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ କୁପାଖାଲ ଏବଂ ଅଣ୍ଡିରାକଞ୍ଚ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ନେହେରୁ ଯୁବକେନ୍ଦ୍ରର ପ୍ରତିନିଧି ଲକ୍ଷ୍ମୀନାରାୟଣ ସେଠୀ,ଯୋଗୀ ସନ୍ନ୍ୟାସୀ ୟୁଥ କ୍ଲବ ସଭାପତି ଅରବିନ୍ଦ ସାହୁ, ସମ୍ପାଦକ ମହେନ୍ଦ୍ର ଜାନିତ ପ୍ରମୁଖ ପରିଚାଳନା କରିଥିଲେ।

## ଗୁଡାରୀରେ ୪୮୦ ଛାତ୍ରୀଛାତ୍ର ଦେବେ ମାଟ୍ରିକ୍ ପରୀକ୍ଷା

**ଗୁଡାରୀ, ୧୯।୨ (ଡି.ଏନ୍.ଏ.):** ଗୁଡାରୀ ବ୍ଲକ ଓ ଏନ୍‌ଏସିରେ ମୋଟ ୪୮୦ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେବେ। ସ୍ଥାନୀୟ ସରକାରୀ ହାଇସ୍କୁଲ ନୋଡାଲ କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବାବେଳେ ଏଠାରେ ୧୬୯ ଜଣ ପରୀକ୍ଷା ଦେବେ। ଗୁଡାରୀ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟ ୟୁଜିଏଚ୍‌ସି ବାଇନାଗୁଡା, ୟୁଜିଏସ୍‌ସି ବାଳିକା ବିଦ୍ୟାଳୟ କେନ୍ଦ୍ରରେ ୧୫୨ ଜଣ ପରୀକ୍ଷା ଦେବେ। ପ୍ରଥମ ଥର ନିମନ୍ତେ ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ହେଉଥିବା ଉତ୍କଳମଣି ଗୋପବନ୍ଧୁ ହାଇସ୍କୁଲ, ଲୋକନାଥପୁର କେନ୍ଦ୍ରରେ ୧୫୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ବର୍ତ୍ତମାନ ନୋଡାଲ କେନ୍ଦ୍ର ଗୁଡାରୀରେ ପ୍ରଶ୍ନପତ୍ର ୨୪ ଘଣ୍ଟିଆ କଡ଼ା ପହରାରେ ରଖାଯାଇଛି। ଚାଲକମ୍ବା ହାଇସ୍କୁଲର ପ୍ରଧାନଶିକ୍ଷକ ଲିଙ୍ଗରାଜ ନାୟକ, ଲୋଚନ ଶବର ଏବଂ ମହେନ୍ଦ୍ର ତୁଳ ଯଥାକ୍ରମେ ତିନୋଟି କେନ୍ଦ୍ରରେ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇବେ। କେନ୍ଦ୍ରରେ କଡ଼ା ସୁରକ୍ଷା ବଳୟରେ ପରୀକ୍ଷା ହେବ ବୋଲି ସ୍ଥାନୀୟ ଥାନା ଅଧିକାରୀ ଉଦୟ ନାଥ ସେଠୀ କହିଛନ୍ତି।

## ଝରାଗ୍ରାମ ଗଦ୍‌ଗଦା ଶୈବପୀଠରେ ଯାତ୍ରା

**ପଦ୍ମପୁର, ୧୯।୨(ଡି.ଏନ୍.ଏ):** ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ପେଣକାମ୍ ପଞ୍ଚାୟତ ଝରାଗ୍ରାମ ଗଦ୍‌ଗଦା ଶୈବ ପୀଠରେ ପବିତ୍ର ମାଘ ପୂର୍ଣ୍ଣିମାରେ ୨୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମାଗମ ହୋଇଛି। ମାଘ ପୂର୍ଣ୍ଣିମାରେ ଗଦ୍‌ଗଦା ମହାଦେବଙ୍କୁ ଦର୍ଶନ କଲେ ମନସ୍କାମନାପୂର୍ଣ୍ଣ ହେବ ବୋଲି ବିଶ୍ୱାସ ରହିଛି। ତେଣୁ ଏଠାରେ ଏତି ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ମହାଦୀପ ଉଠିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥାଏ।



ଶହୀଦ ଯବାନଙ୍କ ସ୍ମୃତିରେ ଗୁଣପୁରସ୍ଥିତ ଡ୍ରିମ ଇଣ୍ଡିଆ ସ୍କୁଲର ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଯାଉଛନ୍ତି।




ଗୁଣପୁର ସାହାରା ଇଣ୍ଡିଆ ପରିବାର ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା ।

# ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ଧାରଣା

**ଗୁଣପୁର,୧୯।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଁଞ୍ଚିଛି। ୮ ଦଫା ଦାବି ନେଇ ଦେଶବ୍ୟାପୀ କର୍ମଚାରୀଙ୍କ ଆନ୍ଦୋଳନ ଆରମ୍ଭ ହୋଇଛି । ସରକାର ପ୍ରତିଶୃତି ଦେଇ ମଧ୍ୟ ସେମାନଙ୍କ ଦାବିକୁ ଅଣଦେଖା କରିଥିବାରୁ କର୍ମଚାରୀମାନେ ପୁଣି ଥରେ ଆନ୍ଦୋଳନ ଆରମ୍ଭ କରିଥିବା କୁହାଯାଇଛି । ତୃତୀୟ ବେତନ ସଂଶୋଧନ ଶତକଡା ୧୫ ହାରରେ କାର୍ଯ୍ୟକାରୀ କରିବା, ୪ଜି ସେବା ଯୋଗାଇଦେବା, ୧।୧।୨୦୧୭ରୁ ଅବସର ନେଇଥିବା କର୍ମଚାରୀଙ୍କୁ ସଂଶୋଧିତ ହାରରେ ପେନସନ ପ୍ରଦାନ ଏପରି ୮ ଦଫା ଦାବି ନେଇ ଅଫିସର ଏବଂ କର୍ମଚାରରୀ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଛି । କର୍ମଚାରୀ ସଂଘ ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର, ସହ ସମ୍ପାଦକ ରାମ ପ୍ରସାଦ ଗମାଙ୍ଗ, ଏବଂ କାଜୁଆଲ କର୍ମଚାରୀ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

## ଛାତ୍ରୀନିବାସରେ ପ୍ରଧାନଶିକ୍ଷକ ନ ରହିବାକୁ ଦାବି

**ଚନ୍ଦ୍ରପୁର,୧୯।୨(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦର ମହକୁମାରେ ରହିଛି ଏକମାତ୍ର ଗ୍ରାମ ମଙ୍ଗଳବିଭାଗର କନ୍ୟାଶ୍ରମ । ଏଠାରେ ୪୦୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜନଜାତିବର୍ଗର ଛାତ୍ରୀ ରୁହନ୍ତି । ଏଥିସହ ଚଳିତ ବର୍ଷ ନୂତନ ଭାବେ ଖୋଲିଥିବା ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର ୨୫ରୁ ଊର୍ଦ୍ଧ୍ୱ ଛାତ୍ରୀ ମଧ୍ୟ ଏଠାରେ ରହୁଛନ୍ତି । ବର୍ତ୍ତମାନ କଲେଜ ଓ ଉଚ୍ଚବିଦ୍ୟାଳୟର ଛାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଧାନ ଶିକ୍ଷକ ଆଶୁତୋଷ ଘଡ଼େଇ ଛାତ୍ରୀନିବାସ ଭିତରେ ନ ରହି ବାହାରେ ରହିବାକୁ ବହୁ ଅଭିଭାବକ ଦାବି କରିଛନ୍ତି । ଉକ୍ତ ପ୍ରଧାନଶିକ୍ଷକ କିଛି ଦିନ ହେବ ନୂତନ ଭାବେ ଚନ୍ଦ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇ ଆସିଛନ୍ତି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଘଡ଼େଇଙ୍କୁ ପଚାରିବାରୁ, ମୋ ପୂର୍ବରୁ ଅନ୍ୟମାନେ ଛାତ୍ରୀନିବାସରେ ରହୁଥିବାରୁ ମୁଁ ରହୁଛି ବୋଲି କହିଛନ୍ତି । ଚନ୍ଦ୍ରପୁର ଗ୍ରାମ ମଙ୍ଗଳ ଅଧିକାରୀ ତଲୱାର ଜେନାଙ୍କୁ ପଚାରିବାରୁ, ଅଭିଭାବକମାନେ କରିଥିବା ଅଭିଯୋଗ ସମ୍ପର୍କରେ ମୁଁ ଅବଗତ ଅଛି । ପ୍ରଧାନଶିକ୍ଷକଙ୍କୁ ମୋ ତରଫରୁ ଏକ କୈଫିୟତ ମଗାଯାଇଛି । ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

## ୨ ମାମଲାରେ ସବ୍ୟସାଚୀ ଖଲାସ

**ଗୁଣପୁର, ୧୯।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଏଡିଜେଙ୍କ କୋର୍ଟରେ ମଙ୍ଗଳବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ଦୁଇଟି ମାମଲାରେ ରାୟ ପ୍ରକାଶ ପାଇଛି । ସାକ୍ଷ୍ୟ ପ୍ରମାଣ ଅଭାବରୁ ଏଡିଜେ ନିଶିଥ ନିଶଙ୍କ ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଗୁଡାରି ଥାନା ଅଧୀନ ଡମିରିଗୁଡା ଅଞ୍ଚଳରୁ ଲୋକନାଥ ପାଣିଗ୍ରାହୀଙ୍କ ଜମିରୁ ଧାନ କାଟି ନେବା ଅଭିଯୋଗରେ ସବ୍ୟସାଚୀଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ବିଚାରଣା ଗୁଣପୁର ଏଡିଜେଙ୍କ କୋର୍ଟରେ ହୋଇଥିଲା । ସମସ୍ତ ସାକ୍ଷ୍ୟ ପ୍ରକ୍ରିୟା ସରିବା ପରେ ପ୍ରମାଣ ଅଭାବରୁ କୋର୍ଟ ତାଙ୍କୁ ଦୋଷମୁକ୍ତ କରିଥିଲେ । ସେହିପରି ଗୁଡାରି ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ସାହୁ ଏବଂ ତାଙ୍କ ସହଯୋଗୀଙ୍କୁ ୨୦୦୧ରେ ଅପହରଣ କରାଯାଇଥିଲା । ଏହି ମାମଲାରେ ମଧ୍ୟ ବିଚାର ସରିବା ପରେ ରାୟ ପ୍ରକାଶ ପାଇଥିଲା । ଏଥିରେ ମଧ୍ୟ ସବ୍ୟସାଚି ଦୋଷମୁକ୍ତ ହୋଇଥିଲେ । ଅନ୍ୟ ଏକ ମାମଲାରେ ଏଡିଜେଙ୍କ କୋର୍ଟରେ ୬ ଏବଂ ସବ୍‌ଜଜ୍‌ଙ୍କ କୋର୍ଟରେ ଜଣେ ଏପରି ୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା । ଅନ୍ୟାନ୍ୟ ମାମଲାରେ ମାର୍ଚ୍ଚ ୧୮ ଏବଂ ୧୯ ଦୁଇ ଦିନ ଧରି ପୁଣି ସବ୍ୟସାଚୀଙ୍କୁ ଗୁଣପୁର କୋର୍ଟରେ ହାଜର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ବିଶ୍ୱ ବୈଦିକ ପରିବାର ବାର୍ଷିକ ଉତ୍ସବ

**ପଦ୍ମପୁର, ୧୯।୨(ଡି.ଏନ୍.ଏ)**

ରାୟଗଡ଼ା ଜିଲା ଆଖୁସିଂ ଗ୍ରାମରେ ବିଶ୍ୱ ବୈଦିକ ପରିବାରର ୩୫ତମ ବାର୍ଷିକ ସମ୍ମିଳନୀ ଦୁଇଦିନ ଧରି ପାଳିତ ହୋଇଛି। ପ୍ରଥମ ଦିବସରେ ପୁଲୱାମା ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଓମ୍ ଧ୍ୱଜା ଉତ୍ତୋଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପରେ ବେଦପାଠ, ଯୋଗ, ପ୍ରାଣାୟାମ ଶିକ୍ଷା, ଗାୟତ୍ରୀ ନଗର କୀର୍ତ୍ତନ, ବୈଦିକ ଭଜନ ଓ ମହାଯଜ୍ଞ କରାଯାଇଥିଲା। ସନ୍ନ୍ୟାସୀ ଆତ୍ମାନନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶ୍ରଦ୍ଧାଳୁ ଶ୍ରୀନିବାସ ପଟ୍ଟନାୟକ ଓ ବେଦେହୀ ଶବରଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ଓଡିଶା ଓ ଆନ୍ଧ୍ରରୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। କମଳାକାନ୍ତ ପଟ୍ଟନାୟକ ବୈଦିକ ଭଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଧର ଶବର ଯୋଗ ଓ ପ୍ରାଣାୟାମ ତାଲିମ ଦେଇଥିଲେ। ଭାସ୍କର ମାଲେଡି, ପ୍ରଣବ କିଶୋର ପଟ୍ଟନାୟକ, ଶ୍ରୀବାସ ପଟ୍ଟନାୟକ, ଏମ୍.ବାଳକୃଷ୍ଣ, ଏ.କୁମାର ସ୍ୱାମୀ, ଅର୍ଜୁନ ମାଲେଡି, ବୃନ୍ଦାବନ ଶବର, କୌଶଲ୍ୟା ଶବର, ଏମ୍. କୃଷ୍ଣ ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଏମ୍.ସନ୍ନ୍ୟାସୀ ରାଓ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।



## ମିଶନଶକ୍ତି ସଚେତନତା ରଥ ଶୁଭାରମ୍ଭ

**କୋଲନରା,୧୯।୨(ଡି.ଏନ୍.ଏ.)**

ରାୟଗଡା ଜିଲା କୋଲନରା ବ୍ଲକ ଆଇସିଡିଏସ୍ କାର୍ଯ୍ୟାଳୟଠାରେ ମଙ୍ଗଳବାର 'ମିଶନ ଶକ୍ତି' ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏଥିରେ ସିଡିପିଓ ଜି. ଗିରିଜା ଯୋଗ ଦେଇ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ପ୍ରତାପ ନାୟକ, ସୁପରଭାଇଜର (ଆଇସିଡିଏସ୍) ଏମ୍. ମାଙ୍ଗାମା, ତୃପ୍ତିଲତା ମହାନ୍ତି, କାମାକ୍ଷା ମଞ୍ଜରୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ରଥ ୧୭ଟି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ସଚେତନତା କରିବ। ମିଶନ ଶକ୍ତି ଦ୍ୱାରା ଅଦ୍ୟାବଧି ୫ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ କମ୍ ସୁଧରେ ଋଣ ଯୋଗାଇବା ସହିତ ସହାୟତା ରାଶି ପ୍ରଦାନ କରାଯାଇଛି। ଏହାଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ପରିବାର ପ୍ରତିପୋଷଣରେ ସହାୟକ ହୋଇଛନ୍ତି । ଏହା ସହିତ ମହିଳାମାନଙ୍କର ସଶକ୍ତିକରଣ ଦିଗରେ ସରକାରଙ୍କର କେଉଁ କେଉଁ ଯୋଜନା ରହିଛି, କେତେ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି ସେ ଦିଗରେ ଗାଁ ଗାଁର ମହିଳାଙ୍କୁ ସଚେତନ କରିବ ଏହି ରଥ ।

## ମଦର ଟେରେସା ଇ-ଟକ୍ନୋ ସ୍କୁଲର ବାର୍ଷିକ କ୍ରୀଡା



ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ ।

**ରାୟଗଡା ଅଫିସ୍, ୧୯।୨**

ରାୟଗଡା କସ୍ତୁରୀନଗରଠାରେ ଥିବା ମଦର ଟେରେସା ଇ-ଟକ୍ନୋ ସ୍କୁଲର ଅଷ୍ଟମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟ ଅତିଥି ଭାବେ ବି.ଶଙ୍କର ରାଓ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡା ଦ୍ୱାରା ଜଣେ ଉତ୍ତମ ମଣିଷ ହୋଇ ନିଜର ପ୍ରତିଭା ଦେଖାଇପାରିବ ବୋଲି କହିଥିଲେ । ବି.ସନ୍ତୋଷ କୁମାର, କେ.ଶ୍ରୀନିବାସ ରାଓ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ପିଇଟି ଶିକ୍ଷକ ବିକ୍ରମ, ଲାଡି ଲକ୍ଷ୍ମଣ ମୂର୍ତ୍ତି, ପ୍ରମୋଦ କୁମାର ଲିମା ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ଅବସରରେ କବାଡି, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ରାୟଗଡା ଅଫିସ୍, ୧୯।୨**

ରାୟଗଡା ମହିଳା ମହାବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି।। ଶିବିରରେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟାପକ ଅରୁଣ କୁମାର ଖାଡଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମସୁରକ୍ଷାର ଆଭିମୁଖ୍ୟ ବିଷୟରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଅଧ୍ୟାପିକା ସୁଷମା ଦାଶ ମଞ୍ଚ ପରିଚାଳନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ୩ ଜଣ ସଂଯୋଜକ ଡା. ଅର୍ଚ୍ଚନା ପଟ୍ଟନାୟକ, ଲେଫ୍‌ଟନାଣ୍ଟ ରୀତାରାଣୀ ମିଶ୍ର, ରଘୁନାଥ ଭୁଇ ଉପସ୍ଥିତ ଥିଲେ । ୪ଜଣ ମାଷ୍ଟର ଟ୍ରେନର ରଶ୍ମିତା ଖାଡଙ୍ଗା, ତପସ୍ୱିନୀ ଗୌଡ, ପ୍ରିୟ ସେଠୀ ଓ ହସ୍ତିନୀ କୁଶୁଲିଆ ୨୪୦ଜଣ ଛାତ୍ରୀଙ୍କୁ ଟ୍ରେନିଂ ଦେବାପାଇଁ ସ୍ଥିର ହୋଇଥିଲା । ଏହି କାର୍ଯ୍ୟକ୍ରମ ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ଚାଲିବ ।




ଉତ୍ସବରେ ଉପସ୍ଥିତ ଅତିଥି।

## ଦୁଦୁଲି ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୋଲନରା,୧୯।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୋଲନରା ବ୍ଲକ ଦୁଦୁଲି ପଞ୍ଚାୟତ ସଦରଠାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏମ.ଖଗେଶ୍ୱର ରାଓ ମୁଖ୍ୟଅତିଥି, ସୁକାନ୍ତ କୁମାର ବେହେରା ମୁଖ୍ୟବକ୍ତା, ସୁବୋଧ କୁମାର ମେହେରା , ବିଆରସିସି ବୃନ୍ଦାବନ ମାରାଣ୍ଡି, ସତ୍ୟ ନାରାୟଣ ମହାରଣା, ପ୍ରାକ୍ତନ ପ୍ରଧାନଶିକ୍ଷକ ତ୍ରିନାଥ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦୁଦୁଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ । ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ତପନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ସରିଲା ଠାକୁରାଣୀ ଯାତ୍ରା

**ଟିକିରି, ୧୯।୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ଝୋଡ଼ିଆପଡାଠାରେ ମଙ୍ଗଳବାର ଗ୍ରାମଦେବୀଙ୍କ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରା ଦୀର୍ଘ ୯ ଦିନ ଧରି ଚାଲିଥିଲା। ଏହି ଯାତ୍ରା ୫ ବର୍ଷକୁ ଥରେ ଆୟୋଜିତ ହୋଇଥାଏ। ଗ୍ରାମର ସମସ୍ତ ଝୋଡ଼ିଆ ସମ୍ପ୍ରଦାୟର ଲୋକେ କୁକୁଡା, ଘୁସୁରି, ଛେଳି ବଳିଦେଇ ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ଦିଶାରୀ, ବେଜାଣିମାନେ ଝାଙ୍କର ଧରି ପୂଜା କରିଥିଲେ । ପ୍ରତ୍ୟେକ ଦିନ ସମସ୍ତ ପୁରୁଷ ଓ ମହିଳା ମିଶି ରାତି ସାରା ନାଚଗୀତରେ ମଜ୍ଜି ଥିଲେ। ଶେଷ ଦିନରେ ଠାକୁରାଣୀଙ୍କୁ କିଛି ଦୂରରେ ଥିବା ଆମ୍ବ ତୋଟାକୁ ନେଇ ପୂଜା ପାଠ କରି ସେଠାରେ ନାଚ ଗୀତ କରିଥିଲେ ।



ଲୋକେ ପୂଜାର୍ଚ୍ଚନା କରୁଛନ୍ତି।